ଓଡ଼ିଶା ସାହିତ୍ୟ ଏକାଡେମୀ
# ସମାଚାର
ODISHA SAHITYA AKADEMI SAMACHAR

76th Issue : July - September 2021 | ସଂଖ୍ୟା ୭୬: ଜୁଲାଇ - ସେପ୍ଟେମ୍ବର ୨୦୨୧

# ଜୀବନ ଶାଶ୍ୱତ ଓ ଅମୃତମୟ: ଡକ୍ଟର ବେହେରା

## କଥାକାର ରାମଚନ୍ଦ୍ର ବେହେରାଙ୍କୁ ୨୮ତମ ଅତିବଡ଼ୀ ପୁରସ୍କାର ସହିତ ୧୫ ଲେଖକ ସାରସ୍ୱତ ସାଧନା ପାଇଁ ସମ୍ବର୍ଦ୍ଧିତ



ଓଡ଼ିଶା ସାହିତ୍ୟ ଏକାଡେମୀର ୨୮ତମ ପୁରସ୍କାର ବିତରଣ ଉତ୍ସବରେ ବିଶିଷ୍ଟ କଥାଶିଳ୍ପୀ ତଥା ସାରସ୍ୱତ ସାଧକ ଡକ୍ଟର ରାମଚନ୍ଦ୍ର ବେହେରାଙ୍କୁ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରଦାନ କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ୬୪ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ କୋଭିଡ଼ ନିୟମ ଅନୁପାଳନ ପୂର୍ବକ ସଂସ୍କୃତି ଭବନ ସଭାଗୃହଠାରେ ଅତ୍ୟନ୍ତ ନିରାଡମ୍ବର ଭାବେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଉକ୍ତ ଭବ୍ୟ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଡ. ବେହେରାଙ୍କୁ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର ଓ ପଶମ ଶାଲ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏଥିସହ ଜୀବନବ୍ୟାପୀ ସାରସ୍ୱତ ସାଧନା ଓ ଓଡ଼ିଆ ବାଣୀଭଣ୍ଡାରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୫ ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ/ସାଧିକାଙ୍କୁ ମଧ୍ୟ ମାନପତ୍ର, ଉପଢୌକନ ଓ ୧ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିବଡ଼ୀ ପୁରସ୍କାରରେ ଭୂଷିତ ହେବା ପରେ ବିଶିଷ୍ଟ କଥାକାର ଡ. ବେହେରା ଜୀବନ ଶାଶ୍ୱତ ଓ ଅମୃତମୟ ବୋଲି ଉଲ୍ଲେଖ କରିବା ସହିତ ଲେଖକୀୟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀଯୁକ୍ତ ପାଣିଗ୍ରାହୀ କୋଭିଡ୍ କଟକଣା ସତ୍ତ୍ୱେ ସଂସ୍କୃତି ବିଭାଗ କଳାକାର, ଶିଳ୍ପୀ, ସାହିତ୍ୟିକମାନଙ୍କୁ ଉତ୍ସାହିତ, ସମ୍ବର୍ଦ୍ଧିତ କରିବାରେ ନିରନ୍ତର ପ୍ରୟାସ କରିଆସୁଛି ବୋଲି ପ୍ରକାଶ ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଏଥିପ୍ରତି ରହିଥିବା ସ୍ୱୀକୃତି ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ସାରସ୍ୱତ ବ୍ୟକ୍ତିତ୍ୱମାନେ ହେଲେ ରାସେଶ୍ୱରୀ ମିଶ୍ର, ମହେଶ୍ୱର ମୂଳିଆ, ଜୀବନକୃଷ୍ଣ ମହାପାତ୍ର, ନିର୍ମଳପ୍ରଭା ନାୟକ, ରାଧାବିନୋଦ ନାୟକ, କୃପାସିନ୍ଧୁ ନାୟକ, ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର, ବାଇଧର ସାହୁ, ଦିଗରାଜ ବ୍ରହ୍ମା, ବାବାଜୀ ଚରଣ ପଟ୍ଟନାୟକ, ଗିରିଜା ଶଙ୍କର ଶର୍ମା, ସୌଭାଗିନୀ ମିଶ୍ର, ଦେବେନ୍ଦ୍ର କୁମାର ଦାଶ, ଅଶୋକ କୁମାର ପଟ୍ଟନାୟକ ଓ ରୁଦ୍ର ନାରାୟଣ ପୃଷ୍ଟି ପ୍ରମୁଖ। ଏକାଡେମୀର ସଭାପତି କବି ଡ. ହୃଷୀକେଶ ମଲ୍ଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନନୀୟ ଅତିଥି ଭାବେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଏବଂ ଅତିରିକ୍ତ ଶାସନ ସଚିବ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ ଯୋଗ ଦେଇଥିଲେ। ଏକାଡେମୀର ସଚିବ ଶ୍ରୀଯୁକ୍ତ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି କବି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଓଡ଼ିଆ ଗାଥାକବିତାର ଅନନ୍ୟ ସ୍ରଷ୍ଟା କବି ରାଧାମୋହନ



ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟଠାରେ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ୧୧୧ତମ ଜୟନ୍ତୀ ତା ୨୫.୦୮. ୨୦୨୧ ରିଖରେ ପାଳିତ ହୋଇଅଛି। ଏଥିରେ ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ଡକ୍ଟର କୁମୁଦଚନ୍ଦ୍ର ଦାଶ, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପ୍ରାକ୍ତନ ସଭାପତି ଡକ୍ଟର ଧରଣୀଧର ନାଥ, ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଶାନ୍ତନୁ ସର, ଏକାଡେମୀର ସଦସ୍ୟ ଡକ୍ଟର ସଂଗ୍ରାମକେଶରୀ ପୃଷ୍ଟି, କିଶୋର ସାହିତ୍ୟ ସଂସଦର ସଭାପତି ଓ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଅକ୍ଷୟକୁମାର ଦାସ, ସମ୍ପାଦକ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦାନ କରି ଓଡ଼ିଶାର ଐତିହ୍ୟ ପରମ୍ପରା, ଲୋକକଥା, କିମ୍ବଦନ୍ତୀ, ମାଟି ପାଣି ପବନ, ଅବହେଳିତ ନିଷ୍ପେଷିତଙ୍କ କଥାକୁ ନେଇ ବିଭିନ୍ନ ଛନ୍ଦ, ନାଟକୀୟ ରୋମାଞ୍ଚ ଦେଇ ଗୀତିକବିତା, ଗାଥାକବିତା ରଚନା କରି ଓଡ଼ିଆ ସାହିତ୍ୟକୁ ରାଧାମୋହନ ଋଦ୍ଧିମନ୍ତ କରିଥିବା ମତବ୍ୟକ୍ତ କରିବା ସହ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ସ୍ୱଭାବକବି ଓଡ଼ିଆ ଭାଷାର କାଳଜୟୀ ସାଧକ

ପ୍ରଖ୍ୟାତ ସ୍ରଷ୍ଟା ସ୍ୱଭାବକବି ଗଙ୍ଗାଧର ମେହେର ଆଧୁନିକ କାଳର ଅନ୍ୟତମ ପ୍ରତିଭାଶାଳୀ ସାହିତ୍ୟରଥୀ ଭାବରେ ଓଡ଼ିଆ ସାହିତ୍ୟରେ ତାଙ୍କର ଅମର ସ୍ୱାକ୍ଷର ରଖିଯାଇଛନ୍ତି। ସେ ଥିଲେ ସତ୍ୟ-ଶିବ-ସୁନ୍ଦରର ଏକନିଷ୍ଠ ଉପାସକ ତଥା ମାନବବାଦର ଆଦ୍ୟ ପ୍ରବର୍ତ୍ତକ। ଉତ୍କଳଭୂମିର ପ୍ରତ୍ୟେକ ଦୃଶ୍ୟ କବିଙ୍କ ସୃଷ୍ଟିରେ ମନୋଜ୍ଞ, ମଧୁମୟ ଓ ପବିତ୍ର ବୋଲି ପରିଗଣିତ। ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ବରପାଲି ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ତା୨୨.୦୮.୨୦୨୧ରିଖରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ପାଳିତ ହୋଇଅଛି। ଏଥିରେ ବରଗଡ଼ ବିଧାୟକ ଶ୍ରୀଯୁକ୍ତ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟକ, ସମ୍ବଲପୁର ଜିଲ୍ଲାର ଏକାଡେମୀ ସଦସ୍ୟ ଡକ୍ଟର




ରଘୁନାଥ ମେହେର, ବରଗଡ଼ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ ହୋତା, ଏବଂ ବରଗଡ଼ ଜିଲ୍ଲା ଏକାଡେମୀ ସଦସ୍ୟ ତଥା ସମାଜର ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ ବାମାପଦ ତ୍ରିପାଠୀ ସଭାମୁଖ୍ୟ ଭାବେ ଯୋଗଦାନ କରି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ବହୁମୁଖୀ ପ୍ରତିଭା ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓଡ଼ିଆ ଜାତିର ଅମୂଲ୍ୟନିଧି



ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ କଟକ ସଦର ବ୍ଲକ୍ ଅଧୀନ କନ୍ଦରପୁରଠାରେ ତା୨୭.୦୯.୨୦୨୧ରିଖ ଅପରାହ୍ଣ ୪.୦୦ ଘଟିକାରେ ପାଳିତ ହୋଇଅଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ବହୁ ସାହିତ୍ୟିକ ଯୋଗଦେଇ ଓଡ଼ିଆ ଭାଷା ପ୍ରତି ପ୍ରହରାଜଙ୍କ ଅବଦାନକୁ ସ୍ମରଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବେ ଡ. ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ଏକାଡେମୀ ସଦସ୍ୟ ଶ୍ରୀ ମନୋଜ ପଟ୍ଟନାୟକ, ସାହିତ୍ୟିକ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଜୟନ୍ତୀ କମିଟି ସମ୍ପାଦକ ଶ୍ରୀ ପୀୟୂଷ ରଞ୍ଜନ ପରିଡ଼ା, ଶ୍ରୀ ଗୋବିନ୍ଦ ପ୍ରଧାନ, ଶ୍ରୀ ପୀତାମ୍ବର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।ସକାଳେ ସିଦ୍ଧେଶ୍ୱରପୁରଠାରେ ପ୍ରହରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଗୋପାଳ ସ୍ମୃତି ବିଦ୍ୟାପୀଠରେ କବିତା ପାଠ ଆୟୋଜନ କରାଯାଇଥିଲା।

# ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଶ୍ରୀମତୀ ମନୋରମା ମହାପାତ୍ରଙ୍କ ପରଲୋକ



ଦୈନିକ 'ସମାଜ'ର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦିକା, ଏକାଡେମୀର ପ୍ରାକ୍ତନ ସଭାପତି, ବିଶିଷ୍ଟ ସାରସ୍ୱତ ସାଧିକା ଡକ୍ଟର ମନୋରମା ମହାପାତ୍ର (୮୭)ଙ୍କ ପରଲୋକ ଘଟିଛି। ତା୧୮.୦୯.୨୦୨୧ରିଖ ଅପରାହ୍ଣ ୫.୪୫ ଘଟିକାରେ ସେ ଏସ୍‌ସିବି ମେଡିକାଲରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଶ୍ରୀମତୀ ମନୋରମା ମହାପାତ୍ର ୧୯୩୪ ମସିହା ଜୁନ୍ ୧୦ ତାରିଖରେ କଟକ ଜିଲ୍ଲା ଆଠଗଡ଼ରେ ଜନ୍ମଗ୍ରହଣ କରିଥିଲେ। ସେ ରମାଦେବୀ, ସରଳା ଦେବୀ, ଆଚାର୍ଯ୍ୟ ହରିହର ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କ ସଂସ୍ପର୍ଶରେ ଆସି ଖଦଡ଼ ପରିଧାନ କରୁଥିଲେ। ପ୍ରଖ୍ୟାତ ସାହିତ୍ୟିକ, କବିୟିତ୍ରୀ, ସାମ୍ବାଦିକ, ଶିକ୍ଷାବିତ୍ ଶ୍ରୀମତୀ ମହାପାତ୍ର ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ୧୯୯୧ରୁ ୧୯୯୪ ପର୍ଯ୍ୟନ୍ତ ଅଧିଷ୍ଠିତ ଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଶ୍ୱଦରବାରରେ ପ୍ରତିଷ୍ଠା କରିବା ପାଇଁ ତାଙ୍କରି ଉଦ୍ୟମରେ ୧୯୯୨ ମସିହାରେ ଦିଲ୍ଲୀଠାରେ ଏକାଡେମୀ ପକ୍ଷରୁ 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି' ନାମରେ ଭବ୍ୟ ସାରସ୍ୱତ ସମାରୋହ ଆୟୋଜନ କରାଯାଇଥିଲା। ତାଙ୍କ ଲେଖନୀୟ ସାରସ୍ୱତ କୃତି ମଧ୍ୟରେ ଜୁଆର ଯେଉଁଠି ଉଠେ, ଅର୍ଦ୍ଧନାରୀଶ୍ୱର, ବୈଦେହୀ ବିସର୍ଜିତା, ସ୍ମୃତିଚନ୍ଦନ, ଆମେ ସବୁ ନୀରବ ଦର୍ଶକ, ଏ ପୃଥିବୀ ଶରଶଯ୍ୟା, ବନ୍ଦ ଘରର କବାଟ, ରତ୍ନଦ୍ୱୀପ, ବଣ ରାଇଜର କଥା, ସମସାମୟିକ ରଷୀୟ କବିତା, ଉତ୍ତରା ନିରୁତ୍ତରା, ଗୋମୁଖ ଯାତ୍ରା, ଆଇମାଙ୍କ ବିଜ୍ଞାନମୁଣି, ଆମରି ଭାରତୀମାତା, ବିରାଡ଼ିମାନଙ୍କ ଅନଶନ ଆଦି ସ୍ୱତନ୍ତ୍ର ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ପାଇଛି। ସାରସ୍ୱତ ସାଧନା ପାଇଁ ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ମିଳିଥିଲା। ୧୯୮୪ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଏହାବ୍ୟତୀତ ସେ ସୋଭିଏତ୍‌ଲାଣ୍ଡ ପୁରସ୍କାର ଆଦି ଅନେକ ମର୍ଯ୍ୟାଦାଜନକ ପୁରସ୍କାର ପାଇଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। କଟକସ୍ଥିତ ପଦାରବିନ୍ଦ ଭବନରେ ଶ୍ରୀମତୀ ମହାପାତ୍ରଙ୍କ ଶବାଧାରରେ ଏକାଡେମୀର ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# ପ୍ରଫେସର ଗୌରୀକୁମାର ବ୍ରହ୍ମା ବାଗ୍ମିତାର ତୁଙ୍ଗିମ ଆସନର ଅଧିକାରୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂସ୍କୃତି ଭବନ ସଭାଗୃହରେ ତା ୨୯ ସେପ୍ଟେମ୍ବର ୨୦୨୧ରିଖ ଅପରାହ୍ଣ ୪.୦୦ ଘଟିକାରେ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକଙ୍କ ଅଧକ୍ଷତାରେ ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡକ୍ଟର ଶାନ୍ତନୁ କୁମାର ରଥ ଯୋଗଦେଇ ଉତ୍କଳବାଚସ୍ପତି ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପରମ୍ପରାର ଏକ ବିରଳ ପ୍ରତିଭା ଭାବେ ଦର୍ଶାଇ ରୀତି ସାହିତ୍ୟର ଅନତିକ୍ରମଣୀୟ ଗବେଷକ ଭାବରେ ଆଖ୍ୟାୟିତ କରିଥିଲେ। ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ସଭାରେ ଯୋଗଦେଇ ତାଙ୍କ କିଶୋର ଅବସ୍ଥାରେ ଗୌରୀ କୁମାରଙ୍କ ସହ ସଂପର୍କର ଅବତାରଣା କରି ବ୍ରହ୍ମାଙ୍କ ଗବେଷଣାପଟୁତା କାରଣରୁ ଭଞ୍ଜ ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ବହୁ ଅଜ୍ଞାତ ଅଧ୍ୟାୟ ଲୋକଲୋଚନକୁ ଆସିବାରେ ସମର୍ଥ ହୋଇଛି ବୋଲି ପ୍ରକାଶ କରିଥିଲେ। ଶ୍ରାଦ୍ଧୋତ୍ସବରେ ଅଧକ୍ଷତା କରି ଡକ୍ଟର ହୃଷୀକେଶ ମଲ୍ଲିକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଦେଶ ବିଦେଶରେ ପ୍ରଫେସର ବ୍ରହ୍ମା ଯେଉଁଭଳି ଢ଼ଙ୍ଗରେ ଉପସ୍ଥାପନ କରି ବିଶ୍ୱବନ୍ଦିତ କରିଯାଇଛନ୍ତି ଏଥିପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ବି ତାହା ଅକୁଳାନ ହେବ ବୋଲି ସଭାପତୀୟ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏକାଡେମୀର ଉପସଭାପତି ଅନୁବାଦକ ଓ କବି ଡକ୍ଟର ସଂଗ୍ରାମ ଜେନା ଗୌରୀକୁମାରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଓଡ଼ିଆ ଅସ୍ମିତା ରକ୍ଷା ପାଇଁ ଉପେନ୍ଦ୍ର ଭଞ୍ଜ ସାହିତ୍ୟକୁ ଚମତ୍କାର ଢ଼ଙ୍ଗରେ ଆଲୋଚନାର ମାଧ୍ୟମ କରି ପ୍ରଫେସର ବ୍ରହ୍ମା ଯେଉଁ କୀର୍ତ୍ତିମାନ ସ୍ଥାପନ କରିଯାଇଛନ୍ତି ତାହା ଅନନ୍ୟ। ଶ୍ରୀ ବ୍ରହ୍ମା ଓଡ଼ିଆ ସମାଲୋଚନା ଧାରାର ଜଣେ ଶ୍ରେଷ୍ଠ ପ୍ରବର୍ତ୍ତକ ଏହି ଧାରାରେ ପରବର୍ତ୍ତୀ ପିଢ଼ି ଅନୁପ୍ରାଣିତ ହେଲେ ତାହା ଓଡ଼ିଆ ସାହିତ୍ୟ ପାଇଁ ଶୁଭଙ୍କର ହେବ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ କଥାକାର ଶ୍ରୀ ପ୍ରବୋଧ କୁମାର ରାଉତ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବରପୁତ୍ରମାନଙ୍କ ସ୍ମୃତିରକ୍ଷା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରମୁଖ ନୈତିକ କର୍ତ୍ତବ୍ୟବୋଲି ପ୍ରକାଶ କରିଥିଲେ। ଶ୍ରାଦ୍ଧୋତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଲେଖକ ଓ ସାହିତ୍ୟିକମାନଙ୍କ ମଧ୍ୟରେ ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ କବି ଡକ୍ଟର ନୃସିଂହ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ପରିଶେଷରେ ଏକାଡେମୀର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶ୍ରୀ ରବି ରାୟ ଧନ୍ୟବାଦ ଅର୍ପଣ କରି ସାରିବା ପରେ ସଭା ସାଙ୍ଗ ହୋଇଥିଲା।

# କବି ବିନୋଦ ଚନ୍ଦ୍ରଙ୍କ ରଚନାରେ ଓଡ଼ିଆ କବିତା ସର୍ବାଙ୍ଗ ସୁନ୍ଦର ହୋଇଛି




କବି ବିନୋଦ ଚନ୍ଦ୍ର ନାୟକଙ୍କ ପ୍ରଲମ୍ବିତ କାବ୍ୟାଦର୍ଶରେ ପ୍ରକୃତିର ସୌନ୍ଦର୍ଯ୍ୟ, ଜୀବନର ପ୍ରତ୍ୟେକ ବିଭବର ଜୟଗାନ, ଜୀବନର ଅନ୍ୱେଷଣ, ସୁଦୂରପ୍ରସାରୀ କଳ୍ପନା, ମାଟିମନସ୍କ ସୃଜନଧାରା ତାଙ୍କୁ ଏକ ସ୍ୱତନ୍ତ୍ର ସାହିତ୍ୟିକ ଭାବେ ଗଢ଼ିତୋଳିଛି ବୋଲି ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ଼ସ୍ଥ ବିକାଶ ଭବନଠାରେ ୫ ସେପ୍ଟେମ୍ବର ୨୦୨୧ ରବିବାର ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଅନୁଷ୍ଠାନ 'ଅରଣ୍ୟ'ର ମିଳିତ ଆନୁକୂଲ୍ୟରେ ଏହି ଜୟନ୍ତୀ ସଭା ଆୟୋଜିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ଗାଳ୍ପିକ ଶ୍ରୀଯୁକ୍ତ ଗିରି ଦଣ୍ଡସେନା ମୁଖ୍ୟ ଅତିଥି ଓ ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟର ସଭାପତି ତଥା ବର୍ଷୀୟାନ ସାହିତ୍ୟିକ ଶ୍ରୀଯୁକ୍ତ ଭୂପେନ ମହାପାତ୍ର ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମାରୋହର ପ୍ରଥମ ଅଧିବେଶନର ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସୁନ୍ଦରଗଡ଼ ଜିଲ୍ଲା ସଦସ୍ୟା ଅଧାପିକା ଡ. ସୁପ୍ରିୟା ପାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଶ୍ରୀମତୀ ଶିବପ୍ରିୟା ମିଶ୍ର ଯୋଗଦେଇଥିଲେ। 'ଅରଣ୍ୟ'ର ସଭାପତି ଗାଳ୍ପିକ ଶ୍ରୀଯୁକ୍ତ ରାଜକିଶୋର ଷଡଙ୍ଗୀ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କବିଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ରହିଥିବା ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମାରୋହର ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଶ୍ରୀଯୁକ୍ତ ରାଜୀବ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିଙ୍କ ସାରସ୍ୱତ ଜୀବନର ପ୍ରାଚୁର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ କବି ବିନୋଦଙ୍କ କାବ୍ୟିକ ସ୍ୱାତନ୍ତ୍ର ସଂପର୍କୀୟ ତାଙ୍କ ଭାଷଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅଧାପକ ଡ. ଭଗବାନ ପଟେଲ ସମ୍ମାନନୀୟ ବକ୍ତା ଭାବେ ଯୋଗଦେଇ କବି ବିନୋଦ ନାୟକଙ୍କ ଜୀବନ ଓ ସୃଜନ ସମ୍ପର୍କରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ଡ. କୃପାସିନ୍ଧୁ ନାୟକଙ୍କ ପୌରୋହିତ୍ୟରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଶବ୍ଦତତ୍ତ୍ୱବୋଧ ଅଭିଧାନ ଓଡ଼ିଆ ଭାଷାର ବିରଳ କୃତି

ପଣ୍ଡିତ ଗୋପୀନାଥ ନନ୍ଦ ଓଡ଼ିଆ ସାହିତ୍ୟରେ ଏକ ଅନନ୍ୟ ବିରଳ ପ୍ରତିଭା। ସମାଲୋଚନା, ଭାଷାତତ୍ତ୍ୱ ଓ ବ୍ୟାକରଣରେ ପଣ୍ଡିତ ଗୋପୀନାଥ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ। ଓଡ଼ିଆ ଭାଷାତତ୍ତ୍ୱ, ଶବ୍ଦତତ୍ତ୍ୱବୋଧ ଅଭିଧାନ ତାଙ୍କର ଗଭୀର ଅନୁସନ୍ଧିତ୍ସା ଓ ଅସାଧାରଣ ଅଧ୍ୟବସାୟର ଫଳ। ଓଡ଼ିଆ ଭାଷାର ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ବଜାୟ ରଖିବା ପାଇଁ ତାଙ୍କର ଐକାନ୍ତିକ ଉଦ୍ୟମ ଅତୀବ ପ୍ରଶଂସନୀୟ। କରୋନା ଜନିତ ମହାମାରୀ ସଂକ୍ରମଣ କାରଣ ଯୋଗୁଁ ତା୨୧.୦୮.୨୦୨୧ରିଖରେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ପାଳିତ ହୋଇଅଛି। ଏଥିରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ସାହିତ୍ୟିକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଏକାଡେମୀ ସଦସ୍ୟ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ବିନୋଦଚନ୍ଦ୍ର ଶତବାର୍ଷିକୀ 'କୋଣାର୍କ' ବିଶେଷାଙ୍କ ଉନ୍ମୋଚିତ



କବି ଡ. ବିନୋଦ ଚନ୍ଦ୍ର ନାୟକଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ମୁଖପତ୍ର 'କୋଣାର୍କ'ର ବିନୋଦଚନ୍ଦ୍ର ଶତବାର୍ଷିକୀ ବିଶେଷାଙ୍କ ୨ ସେପ୍ଟେମ୍ବର ୨୦୨୧ ପୂର୍ବାହ୍ନ ୧୧ ଘଟିକାରେ ସଂସ୍କୃତି ଭବନରେ ଉନ୍ମୋଚିତ ହୋଇଛି। ଏକାଡେମୀ ସଭାପତି କବି ଡ. ହୃଷୀକେଶ ମଲ୍ଲିକ ଉନ୍ମୋଚନ ସଭାରେ ପୌରୋହିତ୍ୟ କରି 'କୋଣାର୍କ'ର ଏହି ବିଶେଷ ସଂଖ୍ୟା ଗବେଷକ ଓ ବିନୋଦ ପ୍ରେମୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ପ୍ରକାଶ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହିପରି ବିଶେଷାଙ୍କ ପ୍ରକାଶ ଦିଗରେ ଏକାଡେମୀ ଭବିଷ୍ୟତରେ ଯତ୍ନବାନ ହେଲେ ଓଡ଼ିଆ ସାହିତ୍ୟର ବରପୁତ୍ରଙ୍କ କୃତି ବିଷୟରେ ପାଠକମାନେ ବିସ୍ତୃତ ଭାବେ ଅବଗତ ହୋଇ ପାରିବେ ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଅଳ୍ପ ସମୟ ମଧ୍ୟରେ କୋଣାର୍କ ପତ୍ରିକାକୁ ନିୟମିତ କରିବାରେ ଏକାଡେମୀ କୃତକାର୍ଯ୍ୟ ହୋଇଛି। ଏକାଡେମୀ ଉପସଭାପତି ତଥା 'କୋଣାର୍କ'ର ସମ୍ପାଦକ ଡ. ସଂଗ୍ରାମ ଜେନା ପତ୍ରିକାର ଉନ୍ନତି ସମ୍ପର୍କରେ ନିଜର ଅଭିଜ୍ଞତା ସଂପର୍କରେ ବ୍ୟକ୍ତ କରିଥିଲେ। ଓଡ଼ିଶାର ଲବ୍ଧପ୍ରତିଷ୍ଠ କବି ବିନୋଦ ଚନ୍ଦ୍ରଙ୍କ କୃତି ଆଧାରିତ ୨୭ଟି ମନନଶୀଳ ପ୍ରବନ୍ଧରେ ଏହି ସ୍ମରଣ ସଂଖ୍ୟାଟି ସମୃଦ୍ଧ ହୋଇଛି। ରୟାଲ ଆକୃତିର ୨୮୦ ପୃଷ୍ଠା ବିଶିଷ୍ଟ ଏହି ସଂଖ୍ୟାର ମୂଲ୍ୟ ୧୨୦ଟଙ୍କା ରଖାଯାଇଛି। ଉନ୍ମୋଚନ ଉତ୍ସବରେ ଏକାଡେମୀ ସଚିବ, ଶ୍ରୀ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ନୃସିଂହ ଷଡ଼ଙ୍ଗୀ, ଡ. ଶୁଭଶ୍ରୀ ଲେଙ୍କା, ଡ. ବିବେକାନନ୍ଦ ପାଣିଗ୍ରାହୀ, ଡ. ଅଭୟ ବାରିକ ଏବଂ ଶ୍ରୀ ରାଜୀବ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ଔପନ୍ୟାସିକ କାହ୍ନୁଚରଣ ଓଡ଼ିଆ ସମାଜର ସଫଳ ବାର୍ତ୍ତାବହ

କଥାସମ୍ରାଟ ଫକୀରମୋହନଙ୍କ ଯୋଗ୍ୟ ଉତ୍ତରଦାୟାଦ ଭାବରେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ କାହ୍ନୁଚରଣ ଏକ ତୁଙ୍ଗ ଆସନର ଅଧିକାରୀ। ତାଙ୍କର ଜୀବନବ୍ୟାପୀ ଏକନିଷ୍ଠ ନିରବଚ୍ଛିନ୍ନ ସାଧନା ଫଳରେ ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିମାଣାତ୍ମକ ତଥା ଗୁଣାତ୍ମକ ବିକାଶ ସାଧିତ ହୋଇପାରିଛି। ସମାଜ ପ୍ରତି ଅଙ୍ଗୀକାରବଦ୍ଧତା କାହ୍ନୁଚରଣଙ୍କ କ୍ଷୁଦ୍ରଗଳ୍ପର ଅନ୍ୟତମ ବୈଶିଷ୍ଟ୍ୟ। ସାମ୍ୟବାଦୀ ଆଦର୍ଶ, ମାନବବାଦୀ ଜୀବନଦର୍ଶନ ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତାଙ୍କ ସୃଷ୍ଟିର ଛତ୍ରେ ଛତ୍ରେ ପ୍ରତିଫଳିତ। କରୋନା ଜନିତ ମହାମାରୀ ସଂକ୍ରମଣ କାରଣ ଯୋଗୁଁ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜୟନ୍ତୀ ତା ୧୧.୦୮.୨୦୨୧ ରିଖରେ ଭର୍ଚୁଆଲ ମାଧ୍ୟମରେ ପାଳିତ ହୋଇଅଛି। ଏଥିରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଅଧ୍ୟାପକ ପ୍ରେମାନନ୍ଦ ମହାପାତ୍ର, ଏକାଡେମୀ ସଦସ୍ୟ ଶ୍ରୀ ସୁରେଶ କୁମାର ନାୟକ, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଯୋଗଦାନ କରି ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ଓଡ଼ିଆ ଭାଷାକୁ ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ

କର୍ମବୀର ଗୌରୀଶଙ୍କର ରାୟ ଜଣେ ନିଷ୍ଠାପର ସାରସ୍ୱତ ସାଧକ, ସମାଜ ସଂସ୍କାରକ, ଜନସେବକ ତଥା ନିର୍ଭୀକ ସାମ୍ବାଦିକ ଭାବରେ ଆମ ସମାଜରେ ସୁପରିଚିତ। କର୍ତ୍ତବ୍ୟନିଷ୍ଠା, ନିୟମାନୁବର୍ତ୍ତିତା, ସ୍ୱଚ୍ଛବାଦିତା, ନିର୍ଭୀକତା ଓ ଉଦାରତା ତାଙ୍କ ମହାନ୍ ବ୍ୟକ୍ତିତ୍ୱର ନିଦର୍ଶନ। ସଂପ୍ରତି କରୋନା ଜନିତ କାରଣରୁ ତା୧୩.୦୭.୨୦୨୧ରିଖରେ ଭର୍ଚୁଆଲ ମାଧ୍ୟମରେ ଗୌରୀଶଙ୍କର ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଗଣମାଧ୍ୟମ ପ୍ରଶିକ୍ଷକ ଲେଖକ ଡକ୍ଟର ମୃଣାଳ ଚାଟାର୍ଜୀ, କଟକ ଜିଲ୍ଲା ଏକାଡେମୀ ସଦସ୍ୟ ଶ୍ରୀଯୁକ୍ତ ମନୋଜ ପଟ୍ଟନାୟକ, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଯୋଗଦାନ କରି କର୍ମବୀରଙ୍କ ସାରସ୍ୱତ ସାଧନାର ଉନ୍ନତ ଦିଗ ଉପରେ ଆଲୋକପାତ କରିଥିଲେ।

# ସବୁଜ କବି କାଳିନ୍ଦୀଚରଣ ଏକ ବହୁମୁଖୀ ପ୍ରତିଭା

ଓଡ଼ିଆ ସାହିତ୍ୟର ସବୁଜ ଯୁଗର ଅନ୍ୟତମ ପ୍ରବକ୍ତା ସାହିତ୍ୟରଥୀ କାଳିନ୍ଦୀଚରଣ ପାଣିଗ୍ରାହୀ ଏକ ବହୁମୁଖୀ ସାରସ୍ୱତ ପ୍ରତିଭା। ସେ ଏକାଧାରରେ କବି, ଔପନ୍ୟାସିକ, ଗାଳ୍ପିକ, ନାଟ୍ୟକାର ଓ ପ୍ରାବନ୍ଧିକ ଭାବରେ ପ୍ରତିଷ୍ଠା ଓ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। କରୋନା ଜନିତ କାରଣରୁ କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଭର୍ଚୁଆଲ ମାଧ୍ୟମରେ ତା୦୨.୦୭.୨୦୨୧ରିଖରେ ପାଳିତ ହୋଇଥିଲା। ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ବିଶିଷ୍ଟ ଗାଳ୍ପିକ ଓ ସମାଲୋଚକ ଡକ୍ଟର ଆଦିକନ୍ଦ ସାହୁ, ଖୋର୍ଦ୍ଧା ଜିଲ୍ଲା ଏକାଡେମୀ ସଦସ୍ୟ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଭର୍ଚୁଆଲ ମାଧ୍ୟମରେ ଏଥିରେ ଯୋଗଦାନ କରି କବିଙ୍କ ବହୁମୁଖୀ ପ୍ରତିଭା ଉପରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ପ୍ରଥିତଯଶା ନାରୀ ଲେଖିକା ସରଳା ଦେବୀ ଆମ ଆଦର୍ଶ



ସରଳା ଦେବୀ ଏକାଧାରରେ ଜଣେ ବିଶିଷ୍ଟ ଲେଖିକା, ସ୍ୱାଧୀନତା ସଂଗ୍ରାମୀ ଓ ବାଗ୍ମୀ। ସେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବ ଯଥା କବିତା, ପ୍ରବନ୍ଧ, ସମାଲୋଚନା, ଗଳ୍ପ, ଉପନ୍ୟାସ, ନାଟକ, ଜୀବନୀ ଓ ଅନୁବାଦ ପ୍ରଭୃତି କ୍ଷେତ୍ରରେ ଲେଖନୀ ଚାଳନା କରି ଯଶ ଅର୍ଜନ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସରଳା ଦେବୀ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରସିଦ୍ଧ ଲେଖିକା ଲୌହମାନବୀ ସରଳା ଦେବୀଙ୍କ ୧୨୭ତମ ଜୟନ୍ତୀ ଉତ୍ସବ ସାରଳା ଭବନ, କଟକଠାରେ ତା ୧୯.୦୮.୨୦୨୧ରିଖ ପୂର୍ବାହ୍ନ ୧୦.୦୦ ଘଟିକାରେ ପାଳିତ ହୋଇଅଛି। ଏହି ସମାରୋହରେ ଉଦ୍‌ଘାଟକ ଭାବେ ଅଧ୍ୟକ୍ଷ, ଉପଭୋକ୍ତା ଆୟୋଗ, ଓଡ଼ିଶା ଡକ୍ଟର ଜଷ୍ଟିସ ଦୁର୍ଗାପ୍ରସାଦ ଚୌଧୁରୀ, ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଲୋକସେବକ ମଣ୍ଡଳ, ଶ୍ରୀଯୁକ୍ତ ନିରଞ୍ଜନ ରଥ, ସରଳା ଦେବୀ ସ୍ମୃତି ସଂସଦର ସଭାପତି ଡ. (ଇଂ) ପ୍ରଭାକର ସ୍ୱାଇଁ ଏବଂ ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ ତଥା ଏକାଡେମୀ ସଦସ୍ୟ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଲୌହମାନବୀ ସରଳା ଦେବୀଙ୍କ ପ୍ରତିଭା ଉପରେ ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଦେଶାତ୍ମବୋଧକ କବିତା ପାଠୋତ୍ସବ



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠୋତ୍ସବ ତା ୧୫.୦୯.୨୦୨୧ରିଖ ଅପରାହ୍ନ ୪.୩୦ ସମୟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ୫ଟି ଜିଲ୍ଲାର ୨୫ଟି ସ୍ଥାନରେ ଏକ ସମୟରେ ଏକକାଳୀନ ଏହି କବିତା ପାଠୋତ୍ସବକୁ ସୁନ୍ଦରଗଡ଼ ସଦ୍‌ଭାବନା ଭବନଠାରେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମାନ୍ୟବର ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପ୍ରତ୍ୟେକ ନାଗରିକ କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ନିଜ ନିଜ କ୍ଷେତ୍ରରେ ଶୃଙ୍ଖଳିତ ସକାରାତ୍ମକ ଚିନ୍ତାଧାରା ମାଧ୍ୟମରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ପଠନାଭ୍ୟାସକୁ ବୃଦ୍ଧି କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଠାଗାର ପ୍ରତିଷ୍ଠା ଓ 'ବହିପଢ଼' ଅଭିଯାନକୁ ଗୁରୁତ୍ୱ ଦିଆଯାଇ ଓଡ଼ିଆ ଓ ସାଦ୍ରୀ ଭାଷାର ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଝାରସୁଗୁଡ଼ା ମହାବିଦ୍ୟାଳୟର ଅଧକ୍ଷ ଡ. ଚିରବ୍ରତ ଦତ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକଗୁଡ଼ିକ ଅନ୍‌ଲାଇନ୍ ମାଧ୍ୟମରେ ସାରା ବିଶ୍ୱରେ ବିକ୍ରୟ ସୁବିଧା ଆରମ୍ଭ କରିଥିବେଳେ ପୁରପଲ୍ଲୀରେ ଲୁକ୍କାୟିତ ସାରସ୍ୱତ ପ୍ରତିଭାମାନଙ୍କର ଅପ୍ରକାଶିତ ପାଣ୍ଡୁଲିପିଗୁଡ଼ିକର ପ୍ରକାଶନ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ତାଙ୍କ ପ୍ରାଗ୍‌ଭାଷରେ ସୂଚନା ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସୁନ୍ଦରଗଡ଼ ଜିଲ୍ଲା ସଦସ୍ୟା ଅଧାପିକା ଡକ୍ଟର ସୁପ୍ରିୟା ପାଲ ଉତ୍ସବରେ ଅଧକ୍ଷତା କରିଥିଲେ। କବି ଗୋପକୃଷ୍ଣ ନାୟକଙ୍କ ସଂଯୋଜନାରେ ୨୦ଜଣ କବି ଦେଶାତ୍ମବୋଧକ କବିତା ପାଠ କରିଥିଲେ। ସେହିପରି ରାଉରକେଲାର ପ୍ରଗତି ଉତ୍କଳ ସଂଘ, କୋଏଲ ନଗର, ଅବସରପ୍ରାପ୍ତ ଇସ୍ପାତ କର୍ମଚାରୀ ସଂଘ ଭବନ ଏବଂ ଆଦର୍ଶ ପାଠାଗାରଠାରେକ କିଛି ସମୟ ବ୍ୟବଧାନରେ ଅନୁଷ୍ଠିତ ସଭାରେ ଏକାଡେମୀ ସଦସ୍ୟ ଶ୍ରୀ ରାଜୀବ ପାଣି ପୌରୋହିତ୍ୟ କରିଥିଲେ। ଅନୁରୂପ ଭାବେ ବାଲେଶ୍ୱରରେ ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଏବଂ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ବାଲିଆପାଳରେ ଅନୁଷ୍ଠିତ ସଭାରେ ଏକାଡେମୀ ସଦସ୍ୟ ଶ୍ରୀ କାଳୀପଦ ପଣ୍ଡା ପୌରୋହିତ୍ୟ କରିଥିବାବେଳେ ସିମୁଳିଆରେ ଅନୁଷ୍ଠିତ ସଭାରେ ଏକାଡେମୀ ସଦସ୍ୟ ଶ୍ରୀ ଭରତ ଚନ୍ଦ୍ର ଦାଶ ପୌରୋହିତ୍ୟ କରିଥିଲେ। ଭୁବନେଶ୍ୱରସ୍ଥ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ନୃସିଂହ ଷଡ଼ଙ୍ଗୀ ଓ ସମ୍ମାନନୀୟ ଅତିଥିଭାବେ ଏକାଡେମୀ ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ଜଗତ୍‌ସିଂହପୁରଠାରେ ଅନୁଷ୍ଠିତ ସଭାରେ ଏକାଡେମୀ ସଦସ୍ୟ ଡ. ଅଭୟ ବାରିକ ପୌରୋହିତ୍ୟ କରିଥିଲେ। କୋରାପୁଟ ଜିଲ୍ଲାର ଜୟପୁରଠାରେ ଅନୁଷ୍ଠିତ ସଭାରେ ଏକାଡେମୀ ସଦସ୍ୟ ଶ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀ ପୌରୋହିତ୍ୟ କରିଥିଲେ।

## ପଣ୍ଡିତ ନୀଳକଣ୍ଠ ଓଡ଼ିଆ ସ୍ୱାଭିମାନର ପ୍ରତୀକ

କବି-ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ ଏକାଧାରରେ ଜଣେ କବି, ସାହିତ୍ୟିକ, ରାଜନୀତିଜ୍ଞ, ଦେଶପ୍ରେମୀ, ସାମ୍ବାଦିକ, ବିଶିଷ୍ଟ ସମାଜସଂସ୍କାରକ ଓ ଆଦର୍ଶଶିକ୍ଷକ ଭାବରେ ସୁପରିଚିତ। ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗର ସେ ଅନ୍ୟତମ ସଫଳ ସାରସ୍ୱତ ସାଧକ। ସେ ଥିଲେ ନିର୍ଭୀକତା ଓ ସ୍ୱାଭିମାନର ପ୍ରତୀକ। ସାହିତ୍ୟ, ଧର୍ମ, ଦର୍ଶନ, ଇତିହାସ, ରାଜନୀତି ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ପାରଦର୍ଶିତା ଥିଲା। କରୋନା ଜନିତ କାରଣରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଭର୍ଚୁଆଲ ମାଧ୍ୟମରେ ତା୦୫.୦୮.୨୦୨୧ରିଖରେ ପାଳିତ ହୋଇଥିଲା। ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, କବି ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ, ଏକାଡେମୀ ସଦସ୍ୟ ଡକ୍ଟର ନିରଞ୍ଜନ କର, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଏହି ଜୟନ୍ତୀରେ ଯୋଗଦାନ କରି ପଣ୍ଡିତ ନୀଳକଣ୍ଠ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ବିଶଦ ଭାବରେ ଉପସ୍ଥାପନ କରିଥିଲେ।

## ପାରମିତା ଶତପଥୀଙ୍କୁ ଶାରଳା ପୁରସ୍କାର



ଡକ୍ଟର ପାରମିତା ଶତପଥୀ ତାଙ୍କ ଉପନ୍ୟାସ 'ଅଭିପ୍ରେତ କାଳ' ନିମନ୍ତେ ୨୦୨୧ବର୍ଷର ସମ୍ମାନଜନକ ଶାରଳା ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଛନ୍ତି। ଏଥିପୂର୍ବରୁ ସେ ୨୦୦୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ଦୀର୍ଘ ତିନିଦଶନ୍ଧିରୁ ଊର୍ଦ୍ଧ୍ୱକାଳଧରି ଓଡ଼ିଆ ସାହିତ୍ୟର ଗଳ୍ପ ଓ ଉପନ୍ୟାସ ବିଭାଗରେ ଲେଖନୀ ଚାଳନା କରି ପାରମିତା ଜଣେ ଉଚ୍ଚକୋଟୀର ଗାଳ୍ପିକାଭାବରେ ଯଶସ୍ୱୀ ହୋଇଛନ୍ତି। ତାଙ୍କ ଅନ୍ୟାନ୍ୟ ରଚନା ମଧ୍ୟରେ ବିବିଧ ଅସ୍ୱପ୍ନ, ଭାଷାକ୍ଷରା, ବିରଳରୂପକ, ଅନ୍ତରଙ୍ଗଛଳ, ଅପଥଚାରିଣୀ ପ୍ରଭୃତି ଉଲ୍ଲେଖନୀୟ। ଓଡ଼ିଆ ସାହିତ୍ୟକୁ ଅନବଦ୍ୟ ଅବଦାନ ନିମନ୍ତେ ୧୯୮୦ ମସିହାରୁ ଶାରଳା ପୁରସ୍କାର ପ୍ରଦାନ କରାଯାଇଆସୁଅଛି। ଉକ୍ତ ପୁରସ୍କାର ୪୨ତମ ସଂସ୍କରଣ ବିଜୟିନୀ ପାରମିତା ଶତପଥୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

## ଭବାନୀଚରଣଙ୍କ ଗବେଷଣାରେ ଓଡ଼ିଆ ଜାତି ମହିମାମଣ୍ଡିତ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୩୦.୦୮.୨୦୨୧ରିଖରେ ଭର୍ଚୁଆଲ ମାଧ୍ୟମରେ ଐତିହାସିକ ଭବାନୀଚରଣ ରାୟଙ୍କ ଜୟନ୍ତୀ ପାଳିତ ହୋଇଅଛି। ଏଥିରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଐତିହାସିକ ପ୍ରଫେସର ଅମିୟ କୁମାର ପଟ୍ଟନାୟକ, ଏକାଡେମୀ ସଦସ୍ୟ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଆଦି ଯୋଗଦାନ କରି ଐତିହାସିକ ଭବାନୀଚରଣ ରାୟଙ୍କ ଇତିହାସ ତଥା ଗବେଷଣା ଉପରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# କବିବର ରାଧାନାଥ ରାୟ ଆଧୁନିକ ଓଡ଼ିଆ କବିତାର ନାନ୍ଦୀକାର



ଓଡ଼ିଆ ଭାଷା ସାହିତ୍ୟର ଅସ୍ମିତାର ପ୍ରତୀକ ତଥା ଆଧୁନିକ ପଦ୍ୟ ସାହିତ୍ୟର ଭିତ୍ତି ସଂସ୍ଥାପକ କବିବର ରାଧାନାଥ ରାୟଙ୍କ ନାମରେ ରାଜ୍ୟ ସରକାର ଏକ ରାଷ୍ଟ୍ରୀୟ ସମ୍ମାନ ପ୍ରତିଷ୍ଠା କଲେ ଓଡ଼ିଆ ଭାଷା ଓ ସାହିତ୍ୟ ଦିଗନ୍ତ ପ୍ରସାରିତ ହେବ ବୋଲି କବିଙ୍କ ଜନ୍ମପୀଠ କେଦାରପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ଅତିଥିମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବିବର ରାଧାନାଥ ସ୍ମୃତି ସଂସଦ, ସୋରର ମିଳିତ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ରାଜ୍ୟସ୍ତରୀୟ ୧୭୩ତମ ଜୟନ୍ତୀ କବିଙ୍କ ଆର୍ବିଭାବ ପୀଠ କେଦାରପୁର ଗ୍ରାମରେ ଭକ୍ତି ଓ ଶ୍ରଦ୍ଧା ସହକାରେ ପାଳନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ସୋରର ବିଧାୟକ ଶ୍ରୀଯୁକ୍ତ ପର୍ଶୁରାମ ଧଡ଼ା ଯୋଗ ଦେଇ ଉତ୍ସବ ଉଦ୍‌ଘାଟନ କରି କବିବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କବିବର ରାଧାନାଥ ରାୟଙ୍କ ସ୍ମୃତି ରକ୍ଷା ପ୍ରତି ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍ମୃତି ସଂସଦର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଅତିଥିଭାବେ ସାହିତ୍ୟିକ ଡକ୍ଟର ରମାକାନ୍ତ ବେହେରା ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ସଦସ୍ୟ ଶ୍ରୀଯୁକ୍ତ ଭରତ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଦୀନକୃଷ୍ଣ ସ୍ମୃତି ସଂସଦର ପ୍ରତିଷ୍ଠାତା ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ପ୍ରାଧ୍ୟାପକ ଡକ୍ଟର ବିପିନ ବିହାରୀ ବିଶ୍ୱାଳ କବିବରଙ୍କ କାଳଜୟୀ ସୃଷ୍ଟି ଚିଲିକା, ମହାଯାତ୍ରା, ଦରବାର, ପାର୍ବତୀ, ନନ୍ଦିକେଶ୍ୱରୀ ଆଦିର ବିକଳ୍ପ ନାହିଁ ବୋଲି କହି ତାତ୍କାଳିକ ସମାଜରେ ଜଣେ ଶିକ୍ଷା ପ୍ରଶାସକ ଭାବେ କବିବରଙ୍କ ଭଳି ଆଉଜଣେ ଓଡ଼ିଆ ଆଜିଯାଏ ଜନ୍ମ ହୋଇ ନାହାନ୍ତି ବୋଲି ତାଙ୍କ ଭାଷଣ ପ୍ରସଙ୍ଗରେ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୋଦୃଷ୍ଟିର ସଂପାଦକ କବି ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର କବିବରଙ୍କ ସାମଗ୍ରିକ ସୃଷ୍ଟି ଓଡ଼ିଆ ପଦ୍ୟ ସାହିତ୍ୟର ଏକ ଅମଳିନ କୃତି ବୋଲି କହି ଆଧୁନିକ ଓଡ଼ିଆ ପଦ୍ୟ ସାହିତ୍ୟ କହିଲେ ରାଧାନାଥଙ୍କୁ ବୁଝାଏ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସ୍ମୃତି ସଂସଦର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ସଂପାଦକ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ରାୟ ଯୋଗ ଦେଇ ସେମାନଙ୍କ ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସଂସଦ ପକ୍ଷରୁ ଭାରତ ଗୀତିକା ସର୍ବେଷାଂ ନୋ ଜନନୀ ଗାନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଶ୍ରୀମତୀ ମନୋରମା ମହାପାତ୍ରଙ୍କ ପରଲୋକରେ ତାଙ୍କ ଅମ୍ଳାନ ସ୍ମୃତିକୁ ସମ୍ମାନ ଜଣାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତି ସଂସଦର ସଦସ୍ୟ ଶ୍ରୀଯୁକ୍ତ ଅନିରୁଦ୍ଧ ରାଉତ ଅତିଥି ପରିଚୟ ଓ ପ୍ରାକ୍ ସୂଚନା ଦେଇଥିଲେ। ଯୁଗ୍ମ ସଂପାଦକ ଶ୍ରୀଯୁକ୍ତ ବିଶ୍ୱନାଥ ଘୋଷ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ସଂପାଦନରେ ସହଯୋଗ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ସଦସ୍ୟ ଶ୍ରୀ ଭାରତ ଚନ୍ଦ୍ର ଦାଶ ଏକାଡେମୀ ପକ୍ଷରୁ କବିବରଙ୍କୁ ଆଭୂମ ନମନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ ଗଙ୍ଗାଶରଣ ସିଂହ ପୁରସ୍କାର

ଆଗ୍ରାସ୍ଥିତ ଭାରତ ସରକାରଙ୍କ ପ୍ରଖ୍ୟାତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା 'କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ' ୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବି ସମ୍ମାନ ଗଙ୍ଗା ଶରଣ ସିଂହ' ପୁରସ୍କାର ଘୋଷଣା କରିଛି। ହିନ୍ଦୀ ଭାଷାର ପ୍ରଚାରପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନିବାସୀ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି।



ଏହି ସମ୍ମାନରେ ଭାରତର ମହାମହିମ ରାଷ୍ଟ୍ରପତି ତାଙ୍କୁ ପୁରସ୍କାର ରାଶି ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରିବେ। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଡ. ମିଶ୍ରଙ୍କୁ 'ସାହିତ୍ୟ ଏକାଡେମୀ', 'ଅଣ ହିନ୍ଦୀ ଲେଖକ ସମ୍ମାନ', 'ସୌହାର୍ଦ୍ଦ୍ୟ ପୁରସ୍କାର', 'ସଂହତି ପୁରସ୍କାର', 'ସେତୁବନ୍ଧ ପୁରସ୍କାର' 'ବଙ୍କିମଚନ୍ଦ୍ର ପୁରସ୍କାର' ପ୍ରଭୃତି ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ନିମନ୍ତେ ଡକ୍ଟର ମିଶ୍ରଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

## କେଶବକବି କୃଷ୍ଣପ୍ରସାଦ ଜଣେ କ୍ରାନ୍ତଦର୍ଶୀ ସ୍ରଷ୍ଟା

ନାଟ୍ୟ ସାଧନାକୁ ପ୍ରତ୍ୟକ୍ଷୀଭୂତ ଜୀବନ୍ୟାସ ମାଧ୍ୟମରେ ମଞ୍ଚାଭିନୟ ଦ୍ୱାରା ଗଣହୃଦୟରେ ପହଞ୍ଚାଇବାର କଳାଚାତୁରୀରେ ସିଦ୍ଧପୁରୁଷ ଥିଲେ କୃଷ୍ଣପ୍ରସାଦ। ଜଣେ କ୍ରାନ୍ତିଦର୍ଶୀ ଗୀତିକବି ଭାବରେ ଦୀର୍ଘ ଚାଳିଶ ବର୍ଷ ଧରି ଆପଣାର ପ୍ରଜ୍ଞା, ପ୍ରତିଭା ଓ ପ୍ରଭାକୁ ବିସ୍ତାର କରି ସେ ଲୋକ ସମାଜରେ ଯଶସ୍ୱୀ ହୋଇଥିଲେ। ସଂପ୍ରତି କରୋନା ଜନିତ କାରଣ ଯୋଗୁଁ ତା ୧୮.୦୭.୨୦୨୧ ରିଖରେ ଭର୍ଚୁଆଲ ମାଧ୍ୟମରେ କେଶବକବି କୃଷ୍ଣପ୍ରସାଦଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଏକାଡେମୀର ବାଲେଶ୍ୱର ସଦସ୍ୟ ଶ୍ରୀଯୁକ୍ତ ଭରତ ଚନ୍ଦ୍ର ଦାଶ ଆଦି ଜୟନ୍ତୀ ସଭାରେ ଭର୍ଚୁଆଲ ମାଧ୍ୟମରେ ଯୋଗଦାନ କରି କେଶବକବି କୃଷ୍ଣପ୍ରସାଦଙ୍କ ବହୁମୁଖୀ ପ୍ରତିଭା ଉପରେ ବିଶେଷ ଆଲୋକପାତ କରିଥିଲେ।

## ଗାଳ୍ପିକା ଯଶୋଧାରା ମିଶ୍ରଙ୍କୁ ୨୦୨୦ର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଓଡ଼ିଆ ସାହିତ୍ୟର ଯଶସ୍ୱୀ ଗାଳ୍ପିକା ଡକ୍ଟର ଯଶୋଧାରା ମିଶ୍ର ତାଙ୍କ ଗଳ୍ପ ସଂକଳନ 'ସମୁଦ୍ର କୂଳର ଘର' ନିମନ୍ତେ ୨୦୨୦ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡମୀ ପୁରସ୍କାର ଲାଭ କରିଛନ୍ତି। ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ ବର୍ଷ ଧରି ସେ ଗଳ୍ପ, ଉପନ୍ୟାସ ରଚନାରେ ବ୍ରତୀ ରହିଛନ୍ତି। ସେ ୧୯୯୦ ବର୍ଷର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟିନୀ ହୋଇଥିଲେ। ତାଙ୍କର ଗଳ୍ପମାନ ଝଙ୍କାର, ସମାବେଶ, ମାନସ ଗଳ୍ପ ଓ ଅମୃତାୟନ ଭଳି ତତ୍କାଳୀନ ଶ୍ରେଷ୍ଠ ଓଡ଼ିଆ ପତ୍ରିକାମାନଙ୍କ ପୃଷ୍ଠାକୁ ଏକ ନିଜସ୍ୱ ସ୍ୱାଦ ନେଇ ସମୃଦ୍ଧ କରିଥିଲା। ତାଙ୍କ ରଚନା ଅଧିକାଂଶ ଭାରତୀୟ ଭାଷା ଓ ବିଦେଶୀ ଭାଷାରେ ଅନୂଦିତ ହୋଇ ତାଙ୍କୁ ସୁଖ୍ୟାତି ଆଣି ଦେଇଛି। ରେଭେନ୍‌ସା କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ଓ ସାହିତ୍ୟରେ ଶିକ୍ଷା ସମାପ୍ତ ପରେ ସେ ମଧ୍ୟପ୍ରଦେଶ ଶିକ୍ଷା ବିଭାଗରେ ଇଂରାଜୀ ଅଧ୍ୟାପିକା ଭାବରେ ଦୀର୍ଘ ତିରିଶ ବର୍ଷରୁ ଅଧିକକାଳ ଧରି କାର୍ଯ୍ୟ କରି ଭୋପାଳସ୍ଥିତ ସରୋଜିନୀ ନାଇଡୁ କଲେଜର ପ୍ରଫେସର ପଦରୁ ସେବା ନିବୃତ୍ତ ହୋଇଛନ୍ତି।



କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ 'ଇଣ୍ଡିଆନ ଲିଟରେଚର' ପତ୍ରିକାର ସେ ପ୍ରଥମ ମହିଳା ସଂପାଦିକା ଭାବରେ ଗୌରବ ଲାଭ କରିଛନ୍ତି। ତାଙ୍କ ଅନ୍ୟାନ୍ୟ ରଚନା ମଧ୍ୟରେ ଦ୍ୱୀପ ଓ ଅନ୍ୟାନ୍ୟ ଗଳ୍ପ, ଜହ୍ନରାତି, ଦେଖଣାହାରୀ, ସେତୁବନ୍ଧ ପ୍ରଭୃତି ଉଲ୍ଲେଖନୀୟ। କେନ୍ଦ୍ର ସାହିତ୍ୟ ଏକାଡେମୀର ଏହି ମର୍ଯ୍ୟାଦାବନ୍ତ ପୁରସ୍କାର ବିଜୟିନୀ ହୋଇଥିବାରୁ ଗାଳ୍ପିକା ଶ୍ରୀମତୀ ଯଶୋଧାରା ମିଶ୍ରଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଆନ୍ତରିକ ସୁମନାସ ଜ୍ଞାପନ କରାଯାଇଛି।

# ଓଡ଼ିଶା ସାହିତ୍ୟ ଏକାଡେମୀର ବିଂଶତମ ସାଧାରଣ ପରିଷଦ ବୈଠକ

ଓଡ଼ିଶା ସାହିତ୍ୟ ଏକାଡେମୀର ବିଂଶତମ ସାଧାରଣ ପରିଷଦର ପୂର୍ଣ୍ଣାଙ୍ଗ ଦ୍ୱିତୀୟ ବୈଠକ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ୧୨ ସେପ୍ଟେମ୍ବର ୨୦୨୧ ପୂର୍ବାହ୍ନ ୧୧ ଘଟିକାରେ ନୂତନ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଡେମୀର ନବନିଯୁକ୍ତ ଉପସଭାପତି ଡକ୍ଟର ସଂଗ୍ରାମ ଜେନା, ନୂତନ ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ଏବଂ ନବନିଯୁକ୍ତ କୋଷାଧ୍ୟକ୍ଷ ତଥା ଅର୍ଥପରାମର୍ଶଦାତା ଶ୍ରୀ ପ୍ରଦୀପ କୁମାର ମିଶ୍ର ଯୋଗଦେଇଥିଲେ। ଏକାଡେମୀ ସାଧାରଣ ପରିଷଦର ରାୟଗଡ଼ା ଜିଲ୍ଲା ପ୍ରତିନିଧି ସାହିତ୍ୟିକ ଡମ୍ବରୁଧର ପଟ୍ଟନାୟକଙ୍କ ବିୟୋଗରେ ଶୂନ୍ୟଥିବା ସ୍ଥାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମନୋନୀତ ନୂତନ ସଦସ୍ୟ ଶ୍ରୀ ସୁଶାନ୍ତ କୁମାର ନାୟକ ଏହି ବୈଠକରେ ଯୋଗଦେଇ ରାୟଗଡ଼ା ଜିଲ୍ଲାର ପ୍ରତିନିଧିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭରେ ନିକଟରେ ଇହଲୀଳା ସମ୍ବରଣ କରିଥିବା ମନୋଜ ଦାସ, ଡମ୍ବରୁଧର ପଟ୍ଟନାୟକ, ଇନ୍ଦୁଭୂଷଣ କର, ଶୁଭେନ୍ଦୁ ମୁଣ୍ଡ, ଚଣ୍ଡିଚରଣ କର, ବସନ୍ତ ଦାସ, ପ୍ରଫୁଲ୍ଲ କୁମାର ସାହାଣୀ, ଚକ୍ରଧର ବେହେରା, କୁମାର ଚକ୍ରବର୍ତ୍ତୀ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ଅଟଳବିହାରୀ ପଣ୍ଡା, ବିକ୍ରମକେଶରୀ ବର୍ମା, ନାରାୟଣଚନ୍ଦ୍ର ରାୟମହାପାତ୍ର, ମିନାକ୍ଷୀ ଦେବୀ ଓ ପ୍ରଫୁଲତା ମହାପାତ୍ର ଆଦି ଓଡ଼ିଆ ସାହିତ୍ୟର ଦିବଂଗତ କବି, ଲେଖକ, ସାହିତ୍ୟିକମାନଙ୍କ ଅମ୍ଲାନ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶୋକ ପ୍ରକାଶ କରାଯାଇ ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ତଥା ସେମାନଙ୍କୁ ଗଭୀର ସମ୍ମାନ ପ୍ରଦର୍ଶନ ପୂର୍ବକ ପରିଷଦର ସମସ୍ତ ସଦସ୍ୟ ଦଣ୍ଡାୟମାନ ହୋଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପରେ ପରେ ଓଡ଼ିଶା ସାହିତ୍ୟ ଏକାଡେମୀର ୨୦୨୦-୨୧ ବର୍ଷର ଆୟ ବ୍ୟୟ ଏବଂ ୨୦୨୧-୨୨ ବର୍ଷର ବାର୍ଷିକ ବଜେଟ ମାନ୍ୟବର ପରିଷଦ ଅନୁମୋଦନ ଲାଭ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷ ନିମନ୍ତେ କେତେକ ନୂତନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସାଧାରଣ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଏକାଡେମୀର ଆଭିମୁଖ୍ୟ ସଂପର୍କରେ ସ୍ପଷ୍ଟ କରିବା ସଙ୍ଗେ ସଙ୍ଗେ ସମସ୍ତ ସଦସ୍ୟଗଣ ଆଲୋଚନାରେ ଅଂଶ ଗ୍ରହଣ କରି ଗଠନମୂଳକ ପ୍ରସ୍ତାବ ଦେଇଥିବାରୁ ସନ୍ତୋଷ ପ୍ରକଟ ଥିଲେ। ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଓଡ଼ିଶା ସାହିତ୍ୟ ଏକାଡେମୀର ପୁସ୍ତକ ପ୍ରକାଶନ ଓ 'କୋଣାର୍କ' ପତ୍ରିକା ପ୍ରକାଶନର ମାନବୃଦ୍ଧି ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଏକାଡେମୀ ସଚିବ ତଥା ସାଧାରଣ ପରିଷଦର ଆବାହକ ଶ୍ରୀ ପ୍ରବୋଧ କୁମାର ରାଉତ ବଜେଟ୍ ଉପସ୍ଥାପନ କରିଥିବା ବେଳେ ବୈଠକ ଶେଷରେ କୋଷାଧ୍ୟକ୍ଷ ତଥା ଅର୍ଥପରାମର୍ଶଦାତା ଶ୍ରୀ ପ୍ରଦୀପ କୁମାର ମିଶ୍ର ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଏକାଡେମୀର ପ୍ରାକ୍ତନ ସଚିବଙ୍କ ମହାପ୍ରୟାଣରେ ଓଡ଼ିଶା ସାହିତ୍ୟ ଏକାଡେମୀର ଶ୍ରଦ୍ଧାଞ୍ଜଳି



ସାହିତ୍ୟିକ ଇନ୍ଦୁଭୂଷଣ କର ତା ୦୬.୦୮.୨୦୨୧ ଦିନ ଇହଲୀଳା ସମ୍ବରଣ କରିଛନ୍ତି। ୧୯୩୫ ମସିହା ମଇ ୧୨ ତାରିଖରେ ବାଲେଶ୍ୱର ଜିଲ୍ଲାସ୍ଥ ଭୋଗରାଇ ସନ୍ନିକଟ ଚଣ୍ଡୀପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ କରଙ୍କୁ ମୃତ୍ୟୁବେଳକୁ ୮୬ ବର୍ଷ ବୟସ ହୋଇଥିଲା। ୧୯୫୯ ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସେ ସ୍ନାତକୋତ୍ତର ଉପାଧି ହାସଲ କରି ଓଡ଼ିଶା ପ୍ରଶାସନିକ ସେବାରେ ଜଣେ ଅଧିକାରୀ ଭାବରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବରେ ସେ ୧୯୯୦-୧୯୯୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରି ନିଜର ସାରସ୍ୱତ ପରାକାଷ୍ଠା ଓ ପ୍ରଶାସନିକ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ସାହିତ୍ୟ ପାଇଁ ସ୍ୱର୍ଗତ କରଙ୍କ ଅବଦାନ ଅତୁଳନୀୟ। ତାଙ୍କର ଅମର ଆତ୍ମାର ସଦଗତି କାମନା ନିମନ୍ତେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଉପସଭାପତି ଡକ୍ଟର ସଂଗ୍ରାମ ଜେନା, ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ଓ ଅନ୍ୟାନ୍ୟ ସହକର୍ମୀ ବୃନ୍ଦ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# 'ଅତିବଡ଼ୀ ଓଡ଼ିଆ ଜାତିର ନମସ୍ୟ ହୋଇରହିବେ'

ଓଡ଼ିଆ ଭାଗବତର ରଚୟିତା ମହାପୁରୁଷ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ସାତଲହଡ଼ି ମଠରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀଙ୍କ ଜୟନ୍ତୀ ପାଳନ ପରିପେକ୍ଷୀରେ ଏକ ଆଲୋଚନାଚକ୍ର ଆୟୋଜିତ କରାଯାଇଛି। ଉଦ୍‌ଘାଟକ ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ବଦ୍ରି ମିଶ୍ର ଭାଗବତ ପାଠ କରିଥିଲେ। ଆଲୋଚନାରେ ଡ. ସୁରେନ୍ଦ୍ର କୁମାର ମିଶ୍ର, ଡ. ଭାସ୍କର ମିଶ୍ର, ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଗବେଷକ ସାରଙ୍ଗଧର ରାୟଗୁରୁ, ଡ. ନରେଶ ଚନ୍ଦ୍ର ଦାଶ, ଶ୍ରୀ ସୁନୀଲ ରଥ ପ୍ରମୁଖ ଭାଗନେଇଥିଲେ। ଏକାଡେମୀ ସଭାପତି ଡ. ମଲ୍ଲିକ କହିଥିଲେ, ମହାପୁରୁଷ ଜଗନ୍ନାଥ ଦାସ କାଳ କାଳକୁ ଓଡ଼ିଆ ଜାତିର ନମସ୍ୟ ହୋଇ ରହିବେ। ପବିତ୍ର ରାଧାଷ୍ଟମୀ ତିଥିରେ ପ୍ରାତଃ ୮.୦୦ ଘଟିକାରେ ଭୁବନେଶ୍ୱରସ୍ଥ ସଂସ୍କୃତି ଭବନ ପରିସରରେ ଥିବା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା ଉପାଧ୍ୟକ୍ଷ, ରାଜ୍ୟ ଯୋଜନା ବୋର୍ଡ, ଡକ୍ଟର ହୃଷୀକେଶ ମଲ୍ଲିକ, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଡକ୍ଟର ସଂଗ୍ରାମ ଜେନା ଉପସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଏକାଡେମୀ ସଦସ୍ୟ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ଏକାଡେମୀ ସହ-ସଚିବ ଶ୍ରୀ ପ୍ରଦୀପ କୁମାର ମିଶ୍ର, କବି ଡକ୍ଟର ପ୍ରସନ୍ନ କୁମାର ମହାନ୍ତି, ସାମ୍ବାଦିକ ଅରୁଣ କାନୁନ୍‌ଗୋ ଓ ଏକାଡେମୀର କର୍ମଚାରୀମାନେ ଉପସ୍ଥିତ ରହି ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଏତଦ୍‌ବ୍ୟତୀତ ଅତିବଡ଼ୀଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲାସ୍ଥ କପିଳେଶ୍ୱର ପୁରରେ କବିଙ୍କ ଆବିର୍ଭାବ ପବିତ୍ର ରାଧାଷ୍ଟମୀ ତିଥିରେ ପୂର୍ବାହ୍ନ ୧୦.୩୦ ଘଟିକାରେ ଏକାଡେମୀ ପକ୍ଷରୁ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ଶ୍ରଦ୍ଧାର୍ଘ୍ୟ ବାଢ଼ିଥିଲେ ବିଶିଷ୍ଟ ସାହିତ୍ୟିକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, କବି ବଦ୍ରୀ ମିଶ୍ର, ସଂସ୍କୃତି ଗବେଷକ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର ଓ ଯୁବ ପ୍ରବଚକ ଶ୍ରୀ ଜ୍ଞାନାନନ୍ଦ ସାଗରକୁମାର ବେହେରା ପ୍ରମୁଖ। ସେହିପରି ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ସନ୍ଧ୍ୟା




୬.୦୦ ଘଟିକାରେ ଆୟୋଜିତ ସମାରୋହର ପ୍ରାରମ୍ଭରେ ଭଗବତ ପାଠ କରାଯାଇଥିଲା। ବେଦ ପାଠ ସହ ଆରମ୍ଭ କରାଯାଇଥିବା ଜୟନ୍ତୀ କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରିଥିଲେ। ଏଥିରେ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା ଉପାଧ୍ୟକ୍ଷ, ରାଜ୍ୟ ଯୋଜନା ବୋର୍ଡ, ଓଡ଼ିଶା ଉଦ୍‌ଘାଟକ, ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, କମିଶନର ତଥା ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମୁଖ୍ୟଅତିଥି, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ ସମ୍ମାନନୀୟ ଅତିଥି, ଡକ୍ଟର ବସନ୍ତ କୁମାର ପଣ୍ଡା ନିର୍ଦ୍ଦେଶକ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ମୁଖ୍ୟବକ୍ତା ଯୋଗଦାନ କରିଥିଲାବେଳେ ଏକାଡେମୀର ଉପସଭାପତି ଡକ୍ଟର ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏକାଡେମୀର ସହ-ସଚିବ ଶ୍ରୀ ପ୍ରଦୀପ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଚୂଡ଼ାନ୍ତ ପ୍ରତିଯୋଗିତା



ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ଅବ୍ୟବହିତ ପୂର୍ବରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଭର୍ଚ୍ୟୁଆଲ ମାଧ୍ୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ନେଇ ରାଜ୍ୟସ୍ତରୀୟ ଚୂଡ଼ାନ୍ତ ପ୍ରତିଯୋଗିତା ତା ୨୦.୦୭.୨୦୨୧ରିଖ ପୂର୍ବାହ୍ଣ ୧୧.୦୦ ଘଟିକାରେ ଏକାଡେମୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜିଲ୍ଲାରୁ ଆୟୋଜିତ ପ୍ରତିଯୋଗିତାର ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଏଥିରେ ଭର୍ଚୁଆଲ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗ ପାଇଁ ବକ୍ତୃତାର ବିଷୟବସ୍ତୁ ରଖାଯାଇଥିଲା 'ଭାରି ବଢ଼ିଆ ମୋ ଭାଷା ଓଡ଼ିଆ' ଏବଂ ବରିଷ୍ଠ ବର୍ଗ ପାଇଁ ବକ୍ତୃତାର ବିଷୟବସ୍ତୁ 'ସାହିତ୍ୟ ପଢ଼ିବା ସମାଜ ଗଢ଼ିବା' ରଖାଯାଇଥିଲା। ଏତଦ୍‌ବ୍ୟତୀତ ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଏବଂ କବିତା ଆବୃତ୍ତି ପ୍ରତିଯୋଗିତା ଦୁଇଟି ବିଭାଗରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଜ୍ୟବ୍ୟାପୀ ପ୍ରବନ୍ଧ, ବକ୍ତୃତା, ସାହିତ୍ୟ ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଓ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୧୧୮୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଯଥାଶୀଘ୍ର ପୁରସ୍କୃତ କରାଯିବା ସଚିବ ଗାଳ୍ପିକ ଶ୍ରୀ ପ୍ରବୋଧ କୁମାର ରାଉତ ଘୋଷଣା କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ହେଲେ- ସାହିତ୍ୟ ସମ୍ପର୍କିତ ବକ୍ତୃତା (କନିଷ୍ଠ) : ସ୍ୱାତିଶ୍ରୀ ସଂଚିତା ବାରିକ, ଭଦ୍ରକ (ପ୍ରଥମ), ଆୟୁଷ କୁମାର ଶତପଥୀ, ବାଲେଶ୍ୱର (ଦ୍ୱିତୀୟ), ଅର୍ପିତା ମହାପାତ୍ର, ଗଞ୍ଜାମ (ତୃତୀୟ), ସାହିତ୍ୟ ସମ୍ପର୍କିତ ବକ୍ତୃତା(ବରିଷ୍ଠ) : ଅବିସ୍ମରା ମିଶ୍ର, ଜଗତ୍‌ସିଂହପୁର (ପ୍ରଥମ), ରେଶ୍ମା ସ୍ୱାଇଁ, ନୟାଗଡ (ଦ୍ୱିତୀୟ), ଦିବ୍ୟଜ୍ୟୋତି କୋଇଲା, ବାଲେଶ୍ୱର (ତୃତୀୟ), କବିତା ଆବୃତ୍ତି (କନିଷ୍ଠ): ଶ୍ରୀମାନ ସାଇଚନ୍ଦନ ଦାସ, ଢେଙ୍କାନାଳ (ପ୍ରଥମ), ରୁଦ୍ରରୂପା ବ୍ରହ୍ମା, ଗଞ୍ଜାମ (ଦ୍ୱିତୀୟ), ଦୀପଶିଖା ମିଶ୍ର, ଜଗତସିଂହପୁର (ତୃତୀୟ), କବିତା ଆବୃତ୍ତି (ବରିଷ୍ଠ): ଦେବଦତ୍ତ ତ୍ରିପାଠୀ, ଅନୁଗୁଳ(ପ୍ରଥମ), ସ୍ୱାଗତିକା ସାହୁ, ରାୟଗଡ଼(ଦ୍ୱିତୀୟ), ସ୍ନେହାରାଣୀ ପ୍ରଧାନ, ଝାରସୁଗୁଡ଼ା (ତୃତୀୟ), ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ (କନିଷ୍ଠ): ସୁଶ୍ରୀସ୍ମିତା ଆଢ଼ବର୍ଗ, ନୂଆପଡ଼ା (ପ୍ରଥମ), ଅଙ୍କିତା ସାହୁ, ଯାଜପୁର (ଦ୍ୱିତୀୟ), ଆଞ୍ଜେଲିନା ପଟ୍ଟନାୟକ, ନୟାଗଡ଼ (ତୃତୀୟ), ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ (ବରିଷ୍ଠ): ସ୍ମୃତିରେଖା ପଢ଼ିଆରୀ, କେନ୍ଦୁଝର (ପ୍ରଥମ), ଶୁଭଙ୍କର ପଣ୍ଡା, ଗଞ୍ଜାମ (ଦ୍ୱିତୀୟ), ସମୀକ୍ଷା ପ୍ରଧାନ, କନ୍ଧମାଳ, ସ୍ୱର୍ଣ୍ଣଶ୍ରୀ ପ୍ରିୟଦର୍ଶିନୀ ସାହୁ, ନୟାଗଡ଼ (ଯୁଗ୍ମ ତୃତୀୟ) ସ୍ଥାନ ଅଧିକାର କରି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ପ୍ରତ୍ୟେକଟି ବିଭାଗକୁ ସ୍ୱତନ୍ତ୍ର ବିଚାରକମଣ୍ଡଳୀ ପରିଚାଳନା କରିଥିଲେ। ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଓ ଉପସଭାପତି ଡକ୍ଟର ସଂଗ୍ରାମ ଜେନା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହିତ ବିଚାରକ ଭାବେ ଯୋଗଦାନ କରିଥିବା ସାରସ୍ୱତ ସ୍ରଷ୍ଟାଙ୍କୁ ଏକାଡେମୀ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୨୫ ଜୁଲାଇ ୨୦୨୧ ରିଖ ଏକାଡେମୀ ସ୍ୱନକ୍ଷତ୍ର ଦିବସରେ ପୁରସ୍କୃତ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି।

### ସ୍ମୃତିତର୍ପଣ

ଯଶସ୍ୱୀ ଲେଖିକା ଶ୍ରୀମତୀ ପ୍ରଫୁଲ୍ଲତା ମହାପାତ୍ରଙ୍କ ଆକସ୍ମିକ ବିୟୋଗ ଓଡ଼ିଆ ସାହିତ୍ୟ ଜଗତକୁ ସ୍ତମ୍ଭିଭୂତ କରିଛି। ତାଙ୍କ ମହାପ୍ରୟାଣରେ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଛି।

# ଅନୁବାଦିକା ଡକ୍ଟର ମଞ୍ଜୁ ମୋଦୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

ବିଶିଷ୍ଟ ହିନ୍ଦୀ ଔପନ୍ୟାସିକ ଜୈନେନ୍ଦ୍ର କୁମାରଙ୍କ ଲୋକପ୍ରିୟ ଉପନ୍ୟାସ 'କଲ୍ୟାଣୀ'ର ଓଡ଼ିଆ ଅନୁବାଦ ନିମନ୍ତେ ୨୦୨୦ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଅନୁବାଦିକା ଡକ୍ଟର ମଞ୍ଜୁ ମୋଦୀ ଲାଭ କରିଛନ୍ତି। ଡକ୍ଟର ମୋଦୀ ହିନ୍ଦୀ ସାହିତ୍ୟର ଅଧ୍ୟାପିକା ଭାବରେ ଦୀର୍ଘ ତିରିଶ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ସେବା କରି ନିକଟରେ ପ୍ରାଧ୍ୟାପିକା ପଦବୀରୁ ଅବସର ଗ୍ରହଣ କରିଛନ୍ତି। ସେ ଓଡ଼ିଆ ସାହିତ୍ୟର ଅନୁବାଦ ଓ ଶିଶୁ ସାହିତ୍ୟ କ୍ଷେତ୍ରରେ ସାଧନାରତ ଅଛନ୍ତି। ତାଙ୍କର ଅନ୍ୟାନ୍ୟ ରଚନା ମଧ୍ୟରୁ ଚକ୍ରଧର ମହାପାତ୍ରଙ୍କ ଏକାଡେମୀ ପୁରସ୍କାର ପ୍ରାପ୍ତ ପୁସ୍ତକ 'କୁନ୍ତଳା କୁମାରୀ ଜୀବନ ଚରିତ'ର ହିନ୍ଦୀ ଅନୁବାଦ ଗ୍ରନ୍ଥ ଉଲ୍ଲେଖନୀୟ। କେନ୍ଦ୍ର ସାହିତ୍ୟ ଏକାଡେମୀର ମର୍ଯ୍ୟାଦାଜନକ ଅନୁବାଦ ପୁରସ୍କାର ଡକ୍ଟର ମୋଦୀ ଲାଭ କରିଥିବାରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରାଯାଉଛି।



**ସମ୍ପାଦକ**
ସଂଗ୍ରାମ ଜେନା

**ମୁଖ୍ୟ ସମ୍ପାଦକ**
ହୃଷୀକେଶ ମଲ୍ଲିକ

**ସମ୍ପାଦନା ମଣ୍ଡଳୀ**
ନୃସିଂହ ଷଡ଼ଙ୍ଗୀ ପ୍ରସନ୍ନ କୁମାର ସ୍ୱାଇଁ
ଶୁଭଶ୍ରୀ ଲେଙ୍କା ଚନ୍ଦ୍ରଶେଖର ହୋତା

**ପରିଚାଳନା ସମ୍ପାଦକ**
ପ୍ରବୋଧ କୁମାର ରାଉତ

ୱେବସାଇଟ୍:www.odishasahityaakademi.org, ଇ-ମେଲ:odishasahityaakademi@gmail.com
ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କଟକସ୍ଥିତ 'ମେସର୍ସ କର ପ୍ରିଣ୍ଟ' ଦ୍ୱାରା ମୁଦ୍ରିତ।